## ଶ୍ରେଣୀ ଗୃହ ନିର୍ମାଣର ତଦାରଖ

ବଣ୍ଡା,(ଡି.ଏନ.ଏ.): ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଷୋଳପଦା ଯୁକ୍ତ ୩ ମହାବିଦ୍ୟାଳୟରେ ନିର୍ମାଣ ହେଉଥିବା ଅତିରିକ୍ତ ଶ୍ରେଣୀଗୃହକୁ ରବିବାର ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ତଦାରଖ କରିଛନ୍ତି। ବିଧାୟକ ଶ୍ରେଣୀ ଗୃହନିର୍ମାଣର କାର୍ଯ୍ୟ ଯାଞ୍ଚ କରିବା ସହ କିଭଳି ଠିକ୍ ଭାବେ କାର୍ଯ୍ୟ ହେବ ସେ ନେଇ ଠିକାସଂସ୍ଥାକୁ ନିର୍ଦ୍ଦେଶ ଦେଇଥିଲେ।

## ସଂକ୍ଷେପରେ

### ମା' ହିଙ୍ଗୁଳା ପୀଠରେ ନବରାତ୍ର ପୂଜା ଆରମ୍ଭ



ତାଳଚେର,୨୬।୯(ନି.ପ୍ର.): ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ପ୍ରସିଦ୍ଧ ଶାରଦୀୟ ନବରାତ୍ର ପୂଜା ସୋମବାରଠାରୁ ଆରମ୍ଭ ହୋଇଯାଇଛି। ୧୦ ଦିନ ବ୍ୟାପୀ ହେବାକୁ ଥିବା ଏହି ପୂଜାର ପ୍ରଥମ ଦିବସରେ ଶୈଳପୁତ୍ରୀ ପୂଜନ ସମାପନ ହୋଇଛି। ଦ୍ୱିତୀୟ ଦିବସରେ ମା'ଙ୍କୁ ବ୍ରହ୍ମଚାରିଣୀ ବେଶରେ ପୂଜନ କରାଯିବ। ତୃତୀୟ ଦିବସରେ ଚନ୍ଦ୍ରଘଣ୍ଟା, ଚତୁର୍ଥ ଦିବସରେ କୃଷ୍ମାଣ୍ଡେତି, ପଞ୍ଚମ ଦିବସରେ ସ୍କନ୍ଦମାତା, ଷଷ୍ଠ ଦିବସରେ କାତ୍ୟାୟନୀ, ସପ୍ତମ ଦିବସରେ କାଳରାତ୍ରୀ, ଅଷ୍ଟମ ଦିବସରେ ମହାଗୌରୀ, ନବମ ଦିବସରେ ସିଦ୍ଧିଦାତ୍ରୀ ଓ ଦଶମ ଦିବସରେ ଅପରାଜିତା ଭାବେ ମା' ହିଙ୍ଗୁଳାଙ୍କୁ ପୂଜ କରାଯିବ। ଏହାସହିତ ପ୍ରତ୍ୟହ ମା'ଙ୍କ ପୀଠ ପରିସରରେ ହୋମ, ଯଜ୍ଞ ଅନୁଷ୍ଠିତ ହେଉଛି। ଧୀରେନ ଚୈତନ୍ୟ ମହାରାଜଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ଯଜ୍ଞରେ କର୍ତ୍ତା ଭାବେ ଦାମୋଦର ଦୋରା ଦାୟିତ୍ୱ ନିର୍ବାହ କରୁଛନ୍ତି।

### ରାସ୍ତା ଉନ୍ନତୀକରଣ ପାଇଁ ଦାବିପତ୍ର

**ଅନୁଗୋଳ ଅଫିସ, ୨୬।୯:** ଅନୁଗୋଳ ସହର ଉପକଣ୍ଠ କୁମଣ୍ଡ ଅଲେଖପାଟଣା ରେଳଷ୍ଟେଶନ ଦେଇ ରାଣୀଗୁଡ଼ା ପଞ୍ଚାୟତକୁ ସଂଯୋଗ କରୁଥିବା ରାସ୍ତାକୁ ରେଳ ବିଭାଗ ଦ୍ୱାରା ଉନ୍ନତୀକରଣ କରାଯିବା ପାଇଁ କୁମଣ୍ଡ ଓ ରାଣୀଗୁଡ଼ା ପଞ୍ଚାୟତବାସୀଙ୍କ ପକ୍ଷରୁ ରବିବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ପଞ୍ଚାୟତବାସୀ ଦର୍ଶାଇଛନ୍ତି, ଅନୁଗୋଳ ରେଳ ଷ୍ଟେଶନ ଦେଇ ସଂଯୋଗ କରୁଥିବା ଏହି ରାସ୍ତାରେ କୁମଣ୍ଡ, ରାଣୀଗୁଡ଼ା ପଞ୍ଚାୟତବାସୀଙ୍କ ସହିତ ତାଳଚେର ଓ ଛେଣ୍ଡିପଦା ଅଞ୍ଚଳର ରେଳଯାତ୍ରୀମାନେ ଯାତାୟତ କରିଥାନ୍ତି। ତେବେ କୁମଣ୍ଡରୁ ରେଳ ଷ୍ଟେଶନ ଦେଇ ରାଣୀଗୁଡ଼ାକୁ ସଂଯୋଗ କରୁଥିବା ଏହି ରାସ୍ତାର ଉନ୍ନତୀକରଣ ରେଳ ବିଭାଗ ପକ୍ଷରୁ ଆଦୌ କରାଯାଉନାହିଁ। ଏହାକୁ ପକ୍କା ରାସ୍ତାରେ ପରିଣତ କରିବା ପାଇଁ ବଳରାମ ନାୟକ, ସଞ୍ଜୟ ସାହୁ, ରାଣୀଗୁଡ଼ା ସରପଞ୍ଚ ପ୍ରକାଶ ଦେହୁରୀ, କୁମଣ୍ଡ ସରପଞ୍ଚ ସନ୍ତୋଷିନୀ ଦେହୁରୀ, ଗୁଣ୍ଡିଚା ଦେହୁରୀ ପ୍ରମୁଖ ଦାବି କରିଛନ୍ତି।

### ଦୁର୍ବୃତ୍ତଙ୍କ ମାଡ଼ରେ ୨ ଆହତ

**ଅନୁଗୋଳ ଅଫିସ, ୨୬।୯:** ଅନୁଗୋଳ ଜିଲା କୋଲିୟରୀ ଥାନା ଡେରା ଗ୍ରାମରେ ଦୁର୍ବୃତ୍ତଙ୍କ ମାଡ଼ରେ ସ୍ଥାନୀୟ ଦୋକାନୀ ଓ ଅନ୍ୟଜଣେ ବ୍ୟକ୍ତି ଆହତ ହୋଇଛନ୍ତି। ଏ ନେଇ ବିବେକ କୁମାର ସାହା ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ. ୪୮୨/୨୨ରେ ମାମଲା ରୁଜୁ କରି ତଦନ୍ତ ଚଲାଇଛି। ପୋଲିସ କହିଛି, ବିବେକ ରାତିରେ ଦୋକାନକୁ ଶୋଇବାକୁ ଯାଉଥିଲେ। ଏହି ସମୟରେ ଜଣେ ଦୁର୍ବୃତ୍ତ ତାଙ୍କ ଦୋକାନ ତାଲା ଭାଙ୍ଗୁଥିବା ଦେଖି ସେଠାକୁ ଦୌଡ଼ି ଯିବାରୁ ଦୁର୍ବୃତ୍ତ ତାଙ୍କୁ ଆକ୍ରମଣ କରିଥିଲେ। ଏପରି କି ସେହି ବାଟ ଦେଇ ଯାଉଥିବା ଉମେଶ ଚୌହାନ ସେଠାରେ ପହଞ୍ଚିବାରୁ ତାଙ୍କୁ ମଧ ଦୁର୍ବୃତ୍ତ ଆକ୍ରମଣ କରିଥିଲା।

### ଟ୍ରକ୍ ଚୋରାଇ ଚାଳକ ପାର୍

**ଅନୁଗୋଳ ଅଫିସ, ୨୬।୯:** ଅନୁଗୋଳ ଜିଲା କୋଲିୟରୀ ଥାନା ଅଞ୍ଚଳରୁ ଟ୍ରକ୍ ଚୋରି ହୋଇଛି। ଏ ନେଇ ଟ୍ରକ୍ ମାଲିକ ପ୍ରକାଶ କୁମାର ରଣା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏ ସଂକ୍ରାନ୍ତରେ ନଂ. ୪୮୩/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା ଜଣାପଡ଼ିଛି। ପୋଲିସ କହିଛି, ପ୍ରକାଶଙ୍କର ଦୁଇଟି ଟ୍ରକ୍ ରହିଛି। ସେଥିରେ କୋଇଲା ପରିବହନ କରାଯାଉଥିଲା। ଗତ ୨୩ ତାରିଖରେ ଗାଡ଼ିର ଜିପିଏସ୍ ଖରାପ ହୋଇଯିବାରୁ ଟ୍ରକ୍‌କୁ ଖଣି ନିକଟରେ ରଖି ଚାଳକ ଜିପିଏସ୍ ଠିକ୍ କରିବାକୁ ତାଳଚେର ବାଇପାସ୍‌କୁ ଯାଇଥିଲେ। ଏହି ସମୟରେ ଗାଡ଼ିରୁ ତେଲ ଚୋରି ହୋଇଥିବା ଚାଳକ ମାଲିକଙ୍କୁ ଜଣାଇଥିଲେ। ହେଲେ ପରଦିନ ମାଲିକ ଉକ୍ତ ସ୍ଥାନକୁ ଯାଇଥିବା ବେଳେ ଗାଡ଼ି ସେଠାରେ ନ ଥିବା ଦେଖିବାକୁ ପାଇଥିଲେ। ଏଥିସହ ଦୁଇଟି ଟ୍ରକ୍‌ର ଡ୍ରାଇଭର ମଧ ନ ଥିଲେ। ଏ ନେଇ ପ୍ରକାଶ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

# ଜଙ୍ଗଲ ଦେଇ ସ୍କୁଲ ଯିବାକୁ ଭୟ

- ପଢ଼ିବାକୁ ଯାଉନାହାନ୍ତି ପ୍ରଥମରୁ ତୃତୀୟ ଶ୍ରେଣୀ ଛାତ୍ରୀଛାତ୍ର
- କିଆଝର ପ୍ରାଥମିକ ବିଦ୍ୟାଳୟ ପୁନର୍ବାର ଖୋଲାଯିବାକୁ ଦାବି
- ଅନୁଗୋଳ ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ କିଆଝର ଗ୍ରାମବାସୀ



ଜିଲାପାଳଙ୍କ ନିକଟକୁ ଅଭିଯୋଗ କରିବାକୁ ଆସିଥିବା ଛାତ୍ରୀଛାତ୍ରଙ୍କ ସହ ଗ୍ରାମବାସୀ।

**ଅନୁଗୋଳ ଅଫିସ, ୨୬।୯**

କମ୍ ଉପସ୍ଥାନ ଦର୍ଶାଇ ଗାଁରେ ଥିବା ସ୍କୁଲକୁ ପ୍ରଶାସନ ବନ୍ଦ କରିଦେଲା। କିନ୍ତୁ ଏଠାରେ ପଢୁଥିବା ପିଲାମାନେ ଏହାଦ୍ୱାରା କି ଅସୁବିଧା ଭୋଗିବେ ସେଥିପ୍ରତି ଦୃଷ୍ଟି ଦିଆଗଲା ନାହିଁ। ପଡ଼ୋଶୀ ଅଞ୍ଚଳର ପ୍ରାଥମିକ ବିଦ୍ୟାଳୟ ଗାଁଠାରୁ ୨ କିଲୋମିଟର ଦୂର ହେଉଥିବା ବେଳେ ଜଙ୍ଗଲ ଦେଇ ସେଠାକୁ ଯିବାକୁ ଛାତ୍ରୀଛାତ୍ରମାନେ ଭୟ କରୁଛନ୍ତି। ଫଳରେ ପ୍ରଥମରୁ ତୃତୀୟ ଶ୍ରେଣୀର ପଲାଙ୍କ ପାଠରେ ଡୋରିବନ୍ଧା ହେଲାଣି। ତେଣୁ ବନ୍ଦ ହୋଇଯାଇଥିବା ଗାଁ ସ୍କୁଲକୁ ପୁନର୍ବାର ଖୋଲିବାକୁ ସୋମବାର ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି ଅନୁଗୋଳ ଜିଲା କଣିହାଁ ବ୍ଲକ ତଳପଦା ପଞ୍ଚାୟତ କିଆଝର ଗ୍ରାମବାସୀ।

ଗ୍ରାମବାସୀ ଦର୍ଶାଇଛନ୍ତି, କିଆଝର ଗ୍ରାମରେ ଏକ ପ୍ରାଥମିକ ବିଦ୍ୟାଳୟ ଥିଲା। ଏଠାରେ ୪୦ରୁ ଅଧିକ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିଲେ। ହେଲେ ଏଠାରେ ଛାତ୍ରୀଛାତ୍ରଙ୍କ ଉପସ୍ଥାନ ଅଧିକ ନ ଥିବା ଦର୍ଶାଇ ପ୍ରଶାସନ ଏହାକୁ ନିକଟସ୍ଥ ବୁରୁବାହାଳ ପ୍ରାଥମିକ ବିଦ୍ୟାଳୟ ସହ ମିଶ୍ରଣ କରିଛି। ଉକ୍ତ ବିଦ୍ୟାଳୟକୁ ଯିବାକୁ ହେଲେ ଛାତ୍ରୀଛାତ୍ରଙ୍କୁ ଜଙ୍ଗଲ ରାସ୍ତା ଅତିକ୍ରମ କରିବାକୁ ପଡ଼ିବ। ଏହି ରାସ୍ତାରେ ହାତୀ ଓ ଭାଲୁଙ୍କ ଚଳପ୍ରଚଳ ଥିବାରୁ ଛାତ୍ରୀଛାତ୍ରମାନେ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ପୂର୍ବରୁ ଏହି ରାସ୍ତାରେ ପିଲାମାନେ ବହୁବାର ହିଂସ୍ର ଜନ୍ତୁଙ୍କ ସମ୍ମୁଖୀନ ହୋଇଛନ୍ତି। ତାହାକୁ ନଜରରେ ରଖି ପିଲାମାନେ ଜଙ୍ଗଲ ଦେଇ ଯିବାକୁ ଭୟ କରୁଛନ୍ତି। ଫଳରେ ଗ୍ରାମର ପ୍ରଥମରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ପଢୁଥିବା ପିଲାମାନେ ସ୍କୁଲ ନ ଯାଇ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ଏବେ ୨୦ରୁ ଅଧିକ ପିଲା ଗ୍ରାମରେ ଥିବାରୁ କିଆଝର ପ୍ରାଥମିକ ବିଦ୍ୟାଳୟକୁ ପୁଣି କାର୍ଯ୍ୟକାରୀ କରିବାକୁ ଗ୍ରାମର ମାନସ ରଞ୍ଜନ ନାଏକ, ଅନି ସାହୁ, ଭୀମସେନ ସାହୁ, ରଞ୍ଜିତା ନାଏକ, ଝିଲି ନାଏକ, ସବିତା ନାଏକ, ଶୈଳ ନାଏକ, ସୁରମା ନାଏକ, ମଞ୍ଜୁଲତା ନାଏକ ପ୍ରମୁଖ ଜିଲାପାଳଙ୍କୁ ନିବେଦନ କରିଛନ୍ତି।

# ୮୪ ଅଭିଯୋଗର ଶୁଣାଣି

**ଅନୁଗୋଳ ଅଫିସ, ୨୬।୯**

ଅନୁଗୋଳ ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ସୋମବାର ଜିଲାସ୍ତରୀୟ ମିଳିତ ଜନ ଶୁଣାଣି ଶିବିର ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଆରକ୍ଷୀ ଅଧୀକ୍ଷକ ଜଗମୋହନ ମୀନା ଯୋଗ ଦେଇଥିଲେ। ଏହି ଶିବିରରେ ଦାଖଲ ୮୪ଟି ଅଭିଯୋଗର ଶୁଣାଣି କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଏହାଛଡା ପୂର୍ବରୁ ଥିବା ୯ଟି ଅଭିଯୋଗର ଫଇସଲା କରାଯାଇଥିଲା। ଏହି ଶିବିରକୁ ଆସିଥିବା ଲୋକମାନେ ସାଧାରଣତଃ ଶିକ୍ଷା, ସ୍ୱାସ୍ଥ୍ୟ, ଜମି ଜମା ସଂକ୍ରାନ୍ତୀୟ, କୃଷି, ରାଶନ କାର୍ଡ, ରାସ୍ତା, ବିଦ୍ୟୁତ, ପ୍ରଧାନମନ୍ତ୍ରୀ ଆବାସ ଗୃହ ଓ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ ଭଳି ବିଭିନ୍ନ ଅଭିଯୋଗ ଦାଖଲ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜଲାପାଳ (ସାଧାରଣ) ରଜନୀକାନ୍ତ ସ୍ୱାଇଁ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ସନ୍ତୋଷ କୁମାର ପ୍ରଧାନ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଲଳିତ ମୋହନ ବେହେରା, ଜିଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା . ତ୍ରିଲୋଚନ ପ୍ରଧାନ, ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ।



ଶିବିରରେ ଜିଲାପାଳ ଓ ଏସ୍‌ପି ଶୁଣାଣି କରୁଛନ୍ତି।

# ବିଦ୍ୟାଳୟ ଫାଟକରେ ତାଲା

**ମାଧପୁର,୨୬।୯**



ବିଦ୍ୟାଳୟରେ ତାଲା ପକାଇ ଧାରଣା ଦିଆଯାଇଛି।

ଆଠମଲ୍ଲିକ ବ୍ଲକ କିଆକଟା ପଞ୍ଚାୟତ କିଆକଟା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ ପ୍ରତିବାଦରେ ସୋମବାର ଛାତ୍ରୀଛାତ୍ର ଏବଂ ଅଭିଭାବକମାନେ ମୁଖ୍ୟ ଫାଟକରେ ତାଲା ପକାଇ ଧାରଣାରେ ବସିଥିଲେ। ସୂଚନା ଅନୁସାରେ, ବିଦ୍ୟାଳୟର ୫ଟି ଶ୍ରେଣୀରେ ୨ ଜଣ ସହକାରୀ ଶିକ୍ଷୟିତ୍ରୀ ଶିକ୍ଷାଦାନ କରୁଛନ୍ତି। ଫଳରେ ଛାତ୍ରୀଛାତ୍ରଙ୍କ ପାଠପଢାରେ ବ୍ୟାଘାତ ସୃଷ୍ଟି ହେଉଛି। ଜଣେ ପ୍ରଧାନଶିକ୍ଷକଙ୍କୁ ନିଯୁକ୍ତି ଦେବା ପାଇଁ ଅଭିଭାବକମାନେ ଦାବି କରିଥିଲେ। ଏ ସମ୍ପର୍କରେ ଆଠମଲ୍ଲିକ ବ୍ଲକ ଶିକ୍ଷା ଅଧିକାରୀ ଦାଶରଥୀ ସୁଣ୍ଡି କହିଛନ୍ତି, ବାହାରେ ଅଛି। ସେହି ସ୍କୁଲର ପ୍ରଧାନ ଶିକ୍ଷକ ଅବସର ନେଇଛନ୍ତି। ଜଣେ ପ୍ରଧାନଶିକ୍ଷକଙ୍କୁ ସେଠାକୁ ଆଣିବାକୁ ଚେଷ୍ଟା ଚାଲିଛି।

## ଆକ୍ରମଣ ଅଭିଯୋଗରେ ୨ ଗିରଫ

**ଅନୁଗୋଳ ଅଫିସ,୨୬।୯**

ଅନୁଗୋଳ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ କ୍ୱାର୍ଟର୍ସ ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ବାଉରୀବନ୍ଧୁ ମହାପାତ୍ରଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ପ୍ରକାଶ ଯେ, ଖଲାରି ଗାଁର ବାଉରୀ ବନ୍ଧୁ ମହାପାତ୍ର (୫୩) ରାତି ପ୍ରାୟ ୧୧ଟା ବେଳେ ଔଷଧ କିଣି ଘରକୁ ଫେରୁଥିଲେ। ଏହି ସମୟରେ ଏକ ବାଇକ୍‌ରେ ୩ ଦୁର୍ବୃତ୍ତ ଆସି ତାଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଏ ନେଇ ମହାପାତ୍ର ଶନିବାର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରି ରବିବାର ଶୁଶୁଡ଼ା ଗାଁର ପ୍ରକାଶ ଭୂତିଆ (୨୬) ଓ ଅନୁଗୋଳ ସଦର ଥାନା କରଡ଼ାଗାଡ଼ିଆର ସୁରଜ ପ୍ରଧାନ (୨୭)ଙ୍କୁ ଗିରଫ କରିଛି। ପୂର୍ବ ଶତ୍ରୁତାରୁ ସେମାନେ ଏହି ଆକ୍ରମଣ କରିଥିବା ପୋଲିସ ପ୍ରକାଶ କରିଛି।

# ଲକ୍ଷ୍ମୀ ହୋଣ୍ଡାରେ ସ୍କ୍ରାଚ ଆଣ୍ଡ ଉଇନ୍ ଅଫର୍

**ଅନୁଗୋଳ ଅଫିସ,୨୬।୯**

ହୋଣ୍ଡା ମୋଟର ସାଇକେଲ ଏବଂ ସ୍କୁଟର ଇଣ୍ଡିଆର ଅଧୀକୃତ ବିକ୍ରେତା ଅନୁଗୋଳସ୍ଥିତ ଲକ୍ଷ୍ମୀ ହୋଣ୍ଡାଠାରେ ସ୍କ୍ରାଚ ଆଣ୍ଡ ଉଇନ୍ ପୂଜା ଅଫରର ଶୁଭାରମ୍ଭ ହୋଇଛି। ଗ୍ରାହକମାନଙ୍କ ଦ୍ୱାରା ଏହାର ଉଦ୍‌ଘାଟନ କରାଯାଇଥିଲା। ଏହି ସ୍କ୍ରାଚ୍ ଆଣ୍ଡ ଉଇନ୍ ଅଫରରେ ଗ୍ରାହକମାନେ ହୋଣ୍ଡାର ଯେକୌଣସି ଦୁଇ ଚକିଆ ଗାଡ଼ି କିଣିଲେ ସେଥିରେ ନିଶ୍ଚିତ ଉପହାର ପାଇପାରିବେ। ସେମାନେ ଥାଇଲାଣ୍ଡ ଟ୍ରିପ୍, ଏଲ୍‌ଇଡି ଟିଭି, ସ୍ମାର୍ଟ ୱାଚ୍, ଇୟର ପଡ୍‌ସ, ବ୍ୟାଗ ପ୍ୟାକ୍, ଡିନର ସେଟ୍, ଫ୍ରାଏ ପ୍ୟାନ ଓ ରୁପା ମୁଦ୍ରା ଆଦି ଉପହାର ଜିତିପାରିବେ। ଏଥିସହିତ ମାତ୍ର ୧୧ ଶହ ଟଙ୍କା ଡାଉନ ପେମେଣ୍ଟ ଦେଇ ଯେକୌଣସି ଗାଡ଼ି ନେଇପାରିବେ। ଏପରି କି ଗ୍ରାହକମାନେ ନିଜର ପୁରୁଣା ଗାଡ଼ି ବଦଳାଇ ନୂଆ ହୋଣ୍ଡା ଗାଡ଼ି କ୍ୟାଶ କିମ୍ବା ଫାଇନାନ୍ସ ମାଧ୍ୟମରେ ନେଇପାରିବେ। ପୁରୁଣା ଗାଡ଼ି ଏକ୍ସଚେଞ୍ଜ କଲେ ୨୦୦୦ ଟଙ୍କାର ଏକ୍ସଚେଞ୍ଜ ବୋନସର ସୁବିଧା ମଧ୍ୟ ପାଇପାରିବେ। ଏହି ଅବସରରେ ଲକ୍ଷ୍ମୀ ହୋଣ୍ଡା ଗାଡ଼ିର ସ୍ୱତ୍ୱାଧିକାରୀ ବିକ୍ରମ ଅଗ୍ରୱାଲ ପୂଜାର ଅଭିନନ୍ଦନ ଜଣାଇ ଏହି ଅଫରର ଭରପୂର ଲାଭ ଉଠାଇବା ପାଇଁ ଅନୁରୋଧ କରିଥିଲେ। ବର୍ତ୍ତମାନ ଲକ୍ଷ୍ମୀ ହୋଣ୍ଡାରେ ସବୁ ପ୍ରକାରର ମଡେଲ ଏବଂ କଲରର ଗାଡ଼ି ମହଜୁଦ ଅଛି। ତେଣୁ ପୂଜା ପୂର୍ବରୁ ଯଦି ଗ୍ରାହକମାନେ ଗାଡ଼ି ବୁକିଂ କରନ୍ତି ତା'ହେଲେ ଠିକ୍ ପୂଜା ସମୟରେ ସେମାନେ ଗାଡ଼ି ପାଇପାରିବେ ବୋଲି ସ୍ୱତ୍ୱାଧିକାରୀ ଅଗ୍ରୱାଲ କହିଥିଲେ।



ଲକ୍ଷ୍ମୀ ହୋଣ୍ଡାରେ ପୂଜା ଅଫରର ଶୁଭାରମ୍ଭ କରାଯାଉଛି।

# ସହାୟିକା ନିଯୁକ୍ତି ନେଇ ଅସନ୍ତୋଷ

**ମାଧପୁର,୨୬।୯**

ଆଠମଲ୍ଲିକ ବ୍ଲକ ଟୁସର ପଞ୍ଚାୟତ ଅଧୀନ ଟୁସର ଗ୍ରାମ ଅଙ୍ଗନୱାଡି କେନ୍ଦ୍ରରେ ସହାୟିକା ନିଯୁକ୍ତିକୁ ବିରୋଧ କରି ଗ୍ରାମର ମହିଳା ଗୋଷ୍ଠୀ ଅଙ୍ଗନୱାଡି କେନ୍ଦ୍ରରେ ତାଲା ପକାଇ ଦେଇଛନ୍ତି। ସୂଚନା ଅନୁସାରେ, କେନ୍ଦ୍ରର ସହାୟିକା ପଦବୀ ଖାଲି ପରେ ଗ୍ରାମର ଜଣେ ବିଧବା ମହିଳା ଏବଂ ଜଣେ ଅବିବାହିତ ଅସହାୟ ମହିଳା ଏହି ପଦବୀ ନିମନ୍ତେ ଆବେଦନ କରିଥିଲେ। ଏହାପରେ ବିଭାଗ ପକ୍ଷରୁ ବିଧବା ମହିଳାଙ୍କୁ ନିଯୁକ୍ତି ମିଳିଥିଲା। ଏ ସମ୍ପର୍କରେ ଗ୍ରାମର କିଛି ମହିଳା ଗୋଷ୍ଠୀ ଜାଣିବା ପରେ ଅସନ୍ତୋଷ ପ୍ରକାଶ କରି ବିଭାଗକୁ ଅବଗତ କରିଥିଲେ। ହେଲେ କୌଣସି ସୁଫଳ ନ ମିଳିବାରୁ ଗ୍ରାମର ମହିଳା ଗୋଷ୍ଠୀର ସଦସ୍ୟାମାନେ ସୋମବାର ଅଙ୍ଗନୱାଡି କେନ୍ଦ୍ରରେ ତାଲା ପକାଇଥିଲେ। ଏ ସମ୍ପର୍କରେ ଆଠମଲ୍ଲିକ ସିଡିପିଓ ତରଙ୍ଗିନ ମିର୍ଦ୍ଧା କହିଛନ୍ତି, ଏ ବିଷୟରେ କିଛି ଜାଣି ନାହିଁ। ଅବଗତ ହେବା ପରେ ଜଣାଇବି।



ଅଙ୍ଗନୱାଡି କେନ୍ଦ୍ରରେ ମହିଳାମାନେ ତାଲା ପକାଇ ଦେଇଛନ୍ତି।

## ତାଲା କାଟି ଟଙ୍କା, ସୁନାଗହଣା ଚୋରି

**ଅନୁଗୋଳ ଅଫିସ, ୨୬।୯**

ଅନୁଗୋଳ ଥାନା ଗାନ୍ଧୀମାର୍ଗର ନନ୍ଦପଡ଼ାରେ ରହୁଥିବା ଅବସରପ୍ରାପ୍ତ ପୋଲିସ ଅଧିକାରୀ ମାର୍କଣ୍ଡେଶ୍ୱର ନନ୍ଦଙ୍କ ଘରେ ପଶି ଦୁର୍ବୃତ୍ତମାନେ ଟଙ୍କା ଓ ସୁନାଗହଣା ଚୋରି କରିଥିବା ଅଭିଯୋଗ ହୋଇଛି। ଏନେଇ ଥାନାରେ ଅଭିଯୋଗ ପରେ ପୋଲିସ ନଂ. ୫୧୪/୨୨ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ଅବସରପ୍ରାପ୍ତ ପୋଲିସ ଅଧିକାରୀ ମାର୍କଣ୍ଡେଶ୍ୱର ଗତ ୧୫ ତାରିଖରେ ମା ଓ ବାପାଙ୍କ ଅସ୍ଥି ବିସର୍ଜନ ପାଇଁ ଗୟା ଯାଇଥିଲେ। ରବିବାର ଘରକୁ ଫେରିବା ପରେ ତାଲା କାଟି ଚୋରି କରାଯାଇଥିବା ଜାଣିବାକୁ ପାଇଥିଲେ। ଦୁର୍ବୃତ୍ତମାନେ ୬୦ ହଜାର ଟଙ୍କା, ଦୁଇଟି ସୁନା ହାର, ୨୧ଟି ମୁଦି, ଦୁଇଟି ଚେନ୍, ୪ ହଳ କାନଫୁଲ ସହ ରୂପା ଅଳଙ୍କାର ଚୋରି କରିଥିବା ଏତଲାରେ ଦର୍ଶାଯାଇଛି।

# ୪୭ ୟୁନିଟ୍ ରକ୍ତ ସଂଗ୍ରହ



ଶିବିରରେ ରକ୍ତ ସଂଗ୍ରହ କରାଯାଉଛି।

**ଛେଣ୍ଡିପଦା,୨୬।୯(ସ୍ୱ.ପ୍ର.)**

ଛେଣ୍ଡିପଦା ନିର୍ବାଚନମଣ୍ଡଳୀ ଭାଜପା ପକ୍ଷରୁ ଚାଙ୍ଗୁଡିଆ ପଞ୍ଚାୟତ କଙ୍କୁରପାଳଠାରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୪୭ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ୧୫ନଂ. ଜୋନ୍ ଜିଲା ପରିଷଦ ସଦସ୍ୟ ଯଶୋବନ୍ତ ପ୍ରସାଦ ବେହେରା, ସରପଞ୍ଚ ଅନିଲ କୁମାର ପ୍ରଧାନ, ସମିତିସଭ୍ୟା ମିତାରାଣୀ ସାହୁ, ମଣ୍ଡଳ ସଭାପତି ଗୋପବନ୍ଧୁ ଗଡନାୟକ, ପଞ୍ଚାୟତ ଉପସଭାପତି ବିଦ୍ୟାଧର ସାହୁ, ପଞ୍ଚାୟତ ପ୍ରଭାରୀ ଗୋପବନ୍ଧୁ ସାହୁ ଏବଂ ସୁଶାନ୍ତ କୁମାର ସାହୁ, ପ୍ୟାରୀମୋହନ ଗଡତିଆ, ଦଇତାରୀ ମାଝି ଏବଂ ରିଙ୍କୁ ମାଝି ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଅନୁଗୋଳ ରକ୍ତ ଭଣ୍ଡାରର ଡାକ୍ତର ସତ୍ୟବ୍ରତ ପାଟଯୋଶୀଙ୍କ ନେତୃତ୍ୱରେ ଏକ ଟିମ୍ ରକ୍ତଦାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ରକ୍ତ ସଂଗ୍ରହ କରିଥିଲେ।

# ଶ୍ରେଣୀଗୃହ ନିର୍ମାଣ ପାଇଁ ଦାବିପତ୍ର

**ମାଧପୁର,୨୬।୯**

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ କୁଦଗାଁ ପଞ୍ଚାୟତ ଚନ୍ଦ୍ରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନୂତନ ଶ୍ରେଣୀ ଗୃହନିର୍ମାଣ ପାଇଁ ଗ୍ରାମର ଅଭିଭାବକ ଓ ଗ୍ରାମବାସୀଙ୍କ ପକ୍ଷରୁ ଆଠମଲ୍ଲିକ ଉପଜିଲାପାଳ ତରଣୀ ସୁନାଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଉଲ୍ଲେଖ ରହିଛି, ଚନ୍ଦ୍ରପୁର ପ୍ରାଥମିକ ବିଦ୍ୟାଳୟରେ ଗୋଟିଏ ମାତ୍ର ଶ୍ରେଣୀ ଗୃହ ରହିଛି। ବିଦ୍ୟାଳୟରେ ପ୍ରଥମଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନେ ପଢୁଥିବାବେଳେ ଗୋଟିଏ ମାତ୍ର ଶ୍ରେଣୀ ଗୃହରେ ପାଠପଢା ଚାଲିଛି। ତେଣୁ ବିଦ୍ୟାଳୟରେ ନୂତନ ଶ୍ରେଣୀ ଗୃହ ନିର୍ମାଣ କରାଯିବାକୁ ଦାବି ହୋଇଛି। ଆଗାମୀ ୧୫ ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ବିଦ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ପ୍ରଶାସନକୁ ଲିଖିତ ଭାବେ ଜଣାଇଛନ୍ତି।



# କୋଶଳାରେ ଅର୍ଥନୈତିକ ଅବରୋଧ ଆନ୍ଦୋଳନ

**ଛେଣ୍ଡିପଦା,୨୬।୯(ସ୍ୱ.ପ୍ର.)**

ଅନୁଗୋଳ-ଛେଣ୍ଡିପଦା ୬୩ନଂ. ରାଜ୍ୟ ରାଜପଥରେ ଅତ୍ୟଧିକ ଭାରିଯାନ ଚଳାଚଳକୁ ବିରୋଧ କରି ଛେଣ୍ଡିପଦା ବ୍ଲକ କୋଶଳା ଅଞ୍ଚଳବାସୀ ସୋମବାର ଅର୍ଥନୈତିକ ଅବରୋଧ ଆନ୍ଦୋଳନ କରିଛନ୍ତି। ଗ୍ରାମର ମିଳିତ ଯୁବ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ୪ ଦଫା ଦାବି ନେଇ କୋଶଳାଠାରେ ସକାଳୁ ରାସ୍ତା ଅବରୋଧ କରାଯାଇଥିଲା। ଫଳରେ ରାଜପଥର ଉଭୟ ପାର୍ଶ୍ୱରେ ଶତାଧିକ ଭାରିଯାନ ଅଟକି ରହିଥିଲା। ପୂର୍ବାହ୍ନରେ ପ୍ରଶାସନ ସହ ଅଞ୍ଚଳବାସୀଙ୍କ ବୈଠକ ହୋଇଥିଲେ ହେଁ ତାହା ବିଫଳ ହେବାରୁ ଅର୍ଥନୈତିକ ଅବରୋଧ ଆନ୍ଦୋଳନ ଜାରି ରହିଥିବା ସୂଚନା ମିଳିଛି। ତେବେ ରାତି ୧୦ରୁ ସକାଳ ୬ଟା ଯାଏ ଭାରିଯାନ ଯାତାୟାତକୁ ଅଞ୍ଚଳବାସୀ ଅନୁମତି ଦେଇଥିବା ଜଣାପଡ଼ିଛି।

ଅଞ୍ଚଳବାସୀଙ୍କ କହିବା ଅନୁଯାୟୀ, ଏହି ରାଜପଥ ଦେଇ ତାଳଚେରରୁ ଝାରସୁଗୁଡା, ସମ୍ବଲପୁରକୁ ବହୁ ସଂଖ୍ୟକ ଭାରିଯାନ ଚଳାଚଳ କରୁଛି। ଫଳରେ ଦୈନିକ ବିଭିନ୍ନ ସ୍ଥାନରେ ଦୁର୍ଘଟଣା ଘଟି ଧନ ଜୀବନ ହାନି ହୋଇଛି। ଗତ ଏକମାସ ମଧ୍ୟରେ ୫ଜଣଙ୍କ ଜୀବନହାନି ଘଟିଛି। ରାଜପଥରେ ଦିନବେଳା ଭାରିଯାନ ଚଳାଚଳ ନିୟନ୍ତ୍ରଣ କରିବାକୁ ବାରମ୍ବାର ପ୍ରଶାସନକୁ ଅଭିଯୋଗ କରାଯାଇଥିଲେ ହେଁ ପଦକ୍ଷେପ ନିଆଯାଉ ନାହିଁ। ତେଣୁ ରାସ୍ତାର ସମ୍ପୂର୍ଣ୍ଣ ମରାମତି, ଧୂଳି ରୋକିବାକୁ ଜଳ ସିଞ୍ଚନ, ଭାରିଯାନ ଚଳାଚଳ ପାଇଁ ସମୟ ନିର୍ଘଣ୍ଟ, ଦୁର୍ଘଟଣା କ୍ଷତିଗ୍ରସ୍ତଙ୍କୁ ଯଥାଶୀଘ୍ର ସାହାଯ୍ୟ, ସହଯୋଗ ଦାବି ନେଇ ଅର୍ଥନୈତିକ ଅବରୋଧ ଆନ୍ଦୋଳନ କରାଯାଇଛି। ସମସ୍ୟା ସମାଧାନ ପାଇଁ



କୋଶଳାଠାରେ ରାଜପଥ ଅବରୋଧ କରାଯାଇଛି।

### ଅଧିକ ଭାରିଯାନ ଚଳାଚଳକୁ ବିରୋଧ

ପୂର୍ବାହ୍ନରେ ଅନୁଗୋଳ ଉପଜିଲାପାଳ ବଇତୁରା ଦୀପଙ୍କ ନେତୃତ୍ୱରେ ମିଳିତ ଯୁବ କ୍ରିୟାନୁଷ୍ଠାନ କମିଟିର କର୍ମକର୍ତ୍ତାଙ୍କ ସହ ଏକ ବୈଠକ ବସିଥିଲା। ଏଥିରେ ଉପଜିଲାପାଳଙ୍କ ସମେତ ପରିବହନ ଅଧିକାରୀ, ଛେଣ୍ଡିପଦା ତହସିଲଦାର ଡାନିଏଲ ଏକ୍କା, ପୂର୍ତ୍ତ ବିଭାଗ ଯନ୍ତ୍ରୀ ପ୍ରତାପ ଚନ୍ଦ୍ର ବିଶ୍ୱାଳ ଉପସ୍ଥିତ ଥିଲେ। ହେଲେ ଏଥିରୁ ସୁଫଳ ନ ମିଳିବାରୁ ମିଳିତ ଯୁବ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସ୍ଥାନୀୟ ଜିଲାପରିଷଦ ସଭ୍ୟ ପ୍ରଦୀପ କୁମାର ସାହୁ, କୋଶଳା ସରପଞ୍ଚ ଉଦିତ କୁମାର ପ୍ରଧାନ, ବିମଳ କୁମାର ରାଉଳ, ଅବିନାସ ପ୍ରଧାନ, ସିଦ୍ଧାର୍ଥ ଶଙ୍କର ସାହୁ, ମନୋରଞ୍ଜନ ସାହୁ, ସରୋଜ ସେନାପତି ପ୍ରମୁଖ ବୈଠକରୁ ଉଠି ଆସିଥିଲେ। ଦାବି ପୂରଣ ନ ହେବା ଯାଏ ଆନ୍ଦୋଳନ ଜାରି ରହିବ ବୋଲି କ୍ରିୟାନୁଷ୍ଠାନ କମିଟି ପକ୍ଷରୁ କୁହାଯାଇଛି।

## ଘର ଆଗରୁ ବାଇକ୍ ଚୋରି

ଅନୁଗୋଳ ଅଫିସ: ତାଳଚେର ଥାନା ରେମୁଆଁ ନୂଆସାହିରୁ ଏକ ବାଇକ୍ (ନଂ. ଓଡି ୦୬ ଜେ ୩୪୨୦) ଚୋରି ହୋଇଛି। ଏ ନେଇ ନରେନ୍ଦ୍ର ବେହେରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୭୦୯/୨୨ରେ ମାମଲା ରୁଜୁ କରି ତଦନ୍ତ ଚଲାଇଛି। ନରେନ୍ଦ୍ର ଘର ସମ୍ମୁଖରେ ବାଇକ୍ ରଖିଥିବାବେଳେ କେହି ଚୋରି କରି ନେଇଯାଇଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି।

# ନକଲି ନଥି, ନକଲି ସମ୍ପର୍କ

- ଢେଙ୍କାନାଳରେ ଜମି ମାଫିଆଙ୍କ ଜଘନ୍ୟ ଷଡ଼ଯନ୍ତ୍ର
- ନକଲି ବାପା, ପୁଅ, ସ୍ତ୍ରୀ ସାଜି ୮ ଲକ୍ଷ ଟଙ୍କା ଠକେଇ
- ମହିଳାଙ୍କ ସମେତ ୮ ଜଣଙ୍କୁ ବାନ୍ଧିଲା ପୋଲିସ
- ଜାଲ୍ ପଟ୍ଟା, ପୌରସଂସ୍ଥାର ନକଲି ସିଲ୍ ଜବତ



ଗିରଫ ଅଭିଯୁକ୍ତମାନେ।

**ଢେଙ୍କାନାଳ ଅଫିସ, ୨୬।୯**

କାଗଜପତ୍ରଠାରୁ ଆରମ୍ଭ କରି ଆଧାରକାର୍ଡ ସବୁ ନକଲି। ଏହାକୁ ବ୍ୟବହାର କରି ବହୁମୂଲ୍ୟ ଜମି ବିକ୍ରି କରିବାକୁ ରଚିଥିଲେ ଷଡ଼ଯନ୍ତ୍ର। ଏଥିପାଇଁ ପୌରସଂସ୍ଥାର ସିଲ୍‌କୁ କରିଥିଲେ କପି। ଏପରି କି ଜମି କିଣିବାକୁ ଆଗ୍ରହୀ ଆଶାୟୀଙ୍କଠାରୁ ଅଗ୍ରୀମ ଆକାରରେ ନେଇସାରିଥିଲେ ୮ ଲକ୍ଷ ଟଙ୍କା। ଏଥିପାଇଁ ଅଭିଯୁକ୍ତ ସାଜିଥିଲେ ନକଲି ଜମି ମାଲିକ ଏବଂ ବିଶ୍ୱାସ ଜନ୍ମାଇବାକୁ ଯୋଗାଡ଼ କରିଥିଲେ ନକଲି ପୁଅ ଏବଂ ସ୍ତ୍ରୀ। ଏଭଳି ଏକ ଅଭିନବ ଜମି ଠକେଇ ମାମଲାର ରହସ୍ୟ ଉନ୍ମୋଚନ କରିଛି ଢେଙ୍କାନାଳ ଟାଉନ ଥାନା ପୋଲିସ। ଏହି ଘଟଣାରେ ଜଣେ ମହିଳାଙ୍କ ସମେତ ମୋଟ୍ ୮ ଅଭିଯୁକ୍ତ ବନ୍ଧା ହୋଇଛନ୍ତି। ସେମାନେ ହେଲେ ଗଁଦିଆ ଥାନା ଚିରୁଳେଇ ଗ୍ରାମର ତଥା ଢେଙ୍କାନାଳ ଜୟଗୋପାଳ ସାହିରେ ରହୁଥିବା ଘଟଣାର ମାଷ୍ଟର ମାଇଣ୍ଡ୍ ଅରୁଣ ପଟ୍ଟନାୟକ ଓରଫ୍ ଦେବାଶିଷ (୪୭), ଖମାର ସାହର ପ୍ରଦୀପ କୁମାର ରାଉତ (୪୦), ଶ୍ୟାମାଚରଣପୁରର ନିର୍ମଳ କୁମାର ଧଳ (୪୫), ଅମଲାପଡ଼ାର ଅନିଲ ଚୌଧୁରୀ (୩୨), ତୁମୁସିଙ୍ଗା ଥାନା କୋଟଗରା ଅଞ୍ଚଳର ଅଶୋକ ମଲ୍ଲିକଙ୍କ ସ୍ତ୍ରୀ ଟିକିନା ମଲ୍ଲିକ (୩୫), ତୁମୁସିଙ୍ଗା ଥାନା ବାରୁଆଁ (କା) ଅଞ୍ଚଳର ଯଶୋବନ୍ତ ଭୂତିଆ (୫୯), ସହରସ୍ଥିତ ଜବାହରଚୌକର ଜେରକ୍ସ ଦୋକାନୀ ରଣଜିତ୍ ମହାରଣା (୪୪)। ସେମାନଙ୍କ ନିକଟରୁ ଏଗ୍ରିମେଣ୍ଟ ପେପର, ଇସି, ଜାଲ ଜମିପଟ୍ଟା, ଜମି ନକ୍ସା, ନକଲି ଆଧାରକାର୍ଡ, ପୌରସଂସ୍ଥାର ଜାଲ୍ ସିଲ୍ ସମେତ ଅନ୍ୟାନ୍ୟ କାଗଜପତ୍ର ଜବତ କରାଯାଇଛି।

ପୋଲିସ ସୂଚନା ଅନୁଯାୟୀ, ଶ୍ୟାମାଚରଣପୁର ନିବାସୀ ମୁରାରୀ ପଣ୍ଡାଙ୍କ ନାମରେ ଖାତା ନଂ. ୧୦୪/୧୦୪, ପ୍ଲଟ ନଂ. ୨୭ ତଇଲା କିସମ-୨ରେ ୨୨ ଡେସିମିଲ ଜାଗା ରହିଛି। ମୁରାରୀଙ୍କ ଘରେ ଯଶୋବନ୍ତ କିଛିଦିନ ଭଡ଼ାରେ ଥିଲେ। ସେହି ସମୟରେ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟର ଅବସରପ୍ରାପ୍ତ କର୍ମଚାରୀ ତଥା ତୁମୁସିଙ୍ଗା ଥାନା କଣ୍ଟାପାଳ ଗ୍ରାମର ଭ୍ରମରବର ମହାକୁଡ (୬୭) ଶ୍ୟାମାଚରଣପୁରରେ ଆସି ଭଡ଼ାରେ ଥିଲେ। ଉକ୍ତ ଅଞ୍ଚଳରେ ଜମି କଣିବାକୁ ସେ ଯୋଗାଯୋଗ କରିବା ବେଳେ ଅଭିଯୁକ୍ତ ନିର୍ମଳ ଏଥିରେ ସହଯୋଗ କରିବେ ବୋଲି କହିଥିଲେ। ଏହାପରେ ଅନିଲ, ଯଶୋବନ୍ତ, ଶ୍ରୀକାନ୍ତଙ୍କୁ ଯୋଗାଯୋଗ କରିଥିଲେ ନିର୍ମଳ। ଦେବାଶିଷଙ୍କ ଏବଂ ପ୍ରଦୀପଙ୍କ ସହ ଆଲୋଚନା କରି ଜଣେ ଓକିଲଙ୍କ ଜରିଆରେ ଭ୍ରମରବରଙ୍କୁ ଠକେଇ କରିବା ପାଇଁ ଯୋଜନା ପ୍ରସ୍ତୁତ କରିଥିଲେ। ଭ୍ରମରବରଙ୍କ ସମ୍ମୁଖରେ ଯଶୋବନ୍ତ ନିଜକୁ ଜାଗାର ପ୍ରକୃତ ମାଲିକ ମୁରାରୀ ପ୍ରସାଦ ପଣ୍ଡା ବୋଲି ପରିଚୟ ଦେଇଥିଲେ। ସେହିପରି ପ୍ରଦୀପ ନିଜକୁ ମୁରାରୀଙ୍କ ପୁଅ କୁଳଦୀପ ପଣ୍ଡା ଏବଂ ଟିକିନା ମଲ୍ଲିକ ନିଜକୁ ମୁରାରୀଙ୍କ ସ୍ତ୍ରୀ ସୁଷମାରାଣୀ ପଣ୍ଡା ବୋଲି କହିଥିଲେ। ତେବେ ସୁଷମାରାଣୀ ସାଜିଥିବା ଟିକିନାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ଅଛି ଏବଂ ସେ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ଅଭିଯୁକ୍ତମାନେ କହିଥିଲେ। ଭ୍ରମରବରଙ୍କ ବିଶ୍ୱାସ ଜନ୍ମାଇବା ପାଇଁ ସେମାନେ ଟିକିନାଙ୍କୁ ଅସୁସ୍ଥ ଦର୍ଶାଇ ଉକ୍ତ ବେସରକାରୀ ମେଡିକାଲରେ ଭର୍ତ୍ତି କରିଥିଲେ। ଏପରି କି ଏଗ୍ରିମେଣ୍ଟ ପାଇଁ ଗତ ମେ' ୨୪ରେ ଏକ କାର୍‌ରେ ଭ୍ରମରବରଙ୍କୁ ସମ୍ପୃକ୍ତ ମେଡିକାଲକୁ ମଧ୍ୟ ନେଇଥିଲେ। ଭ୍ରମରବର ଗାଡ଼ିରେ ଅପେକ୍ଷା କରିଥିବାବେଳେ ସୁଷମାରାଣୀଙ୍କ ନାମରେ ଜଣେ ଓକିଲଙ୍କ ଜରିଆରେ ଏଗ୍ରିମେଣ୍ଟ ପେପରରେ ଦସ୍ତଖତ ଅଣାଯାଇଥିଲା। ଅଭିଯୁକ୍ତଙ୍କ ଷଡ଼ଯନ୍ତ୍ରରେ ଫସିଯାଇଥିବା ଭ୍ରମରବର ଏଥିରେ ବିଶ୍ୱାସ କରି ଜମି ପାଇଁ ଡିଲ୍ ହୋଇଥିବା ୨୨ ଲକ୍ଷ ମଧ୍ୟରୁ ୮ ଲକ୍ଷ ଟଙ୍କା ଅଗ୍ରୀମ ଦେଇଥିଲେ। ସେଥିରୁ ଦେବାଶିଷ ଓ ପ୍ରଦୀପ ୨ଲକ୍ଷ ୨୫ ହଜାର ଟଙ୍କା ଲେଖାଏ, ନିର୍ମଳ ୧୦ ହଜାର, ଅନିଲ ୫ ହଜାର, ଶ୍ରୀକାନ୍ତ ୧ ଲକ୍ଷ ୨୫ ହଜାର, ଯଶୋବନ୍ତ ୧ ଲକ୍ଷ ଟଙ୍କା ନେଇଥିଲେ। ସେହିପରି ନକଲି ପଟ୍ଟା ଏବଂ ଆଧାରକାର୍ଡ କରିଥିବା ଜବାହରଚୌକ ଅଞ୍ଚଳର ଜେରକ୍ସ ଦୋକାନୀ ରଣଜିତ୍ ୪୬୦ ଟଙ୍କା ନେଇଥିଲେ। ଅବଶିଷ୍ଟ ଟଙ୍କା ଅନ୍ୟ ଅଭିଯୁକ୍ତମାନେ ବାଣ୍ଟି ନେଇଥିଲେ।

### ଧରାପକାଇଦେଲା 'ନଟ୍ ଫର ସେଲ୍' ବୋର୍ଡ

କେତେଜଣ ଅଭିଯୁକ୍ତ ବେଆଇନ ଭାବେ ଜମି ବିକ୍ରି କରିବାକୁ ମସୁଧା କରୁଥିବା କୌଣସି ସୂତ୍ରରୁ ଜାଣିବାକୁ ପାଇଥିଲେ ପ୍ରକୃତ ଜମି ମାଲିକ ମୁରାରୀ ପ୍ରସାଦ ପଣ୍ଡା। ଏ ସମ୍ପର୍କରେ ସର୍ବସାଧାରଣଙ୍କୁ ଅବଗତ କରାଇବାକୁ ସେ ଉପସ୍ଥିତ ବୁଦ୍ଧିର ପ୍ରୟୋଗ କରିଥିଲେ। ନିଜର ପରିତ୍ୟକ୍ତ ଜମିକୁ ସଫା କରାଇ ସେଠାରେ 'ନଟ୍ ଫର ସେଲ୍' ବୋର୍ଡ ଲଗାଇ ଦେଇଥିଲେ। ଅଭିଯୁକ୍ତମାନେ ଜମି ରେଜିଷ୍ଟ୍ରି ପାଇଁ ଦିନ ଗଡ଼ାଇ ଚାଲିଥିବା ବେଳେ ଉକ୍ତ ବୋର୍ଡ ଦେଖିବା ପରେ ଭ୍ରମରବରଙ୍କ ସନ୍ଦେହ ବଢ଼ିଥିଲା। ସେ ଏ ନେଇ ଫୋନ୍‌ରେ ମୁରାରୀଙ୍କ ସହ କଥାବାର୍ତ୍ତା ହେବା ପରେ ଠକେଇର ଶିକାର ହୋଇଥିବା ଜାଣିପାରିଥିଲେ। ଏ ସଂକ୍ରାନ୍ତରେ ଗତ ୨୪ ତାରିଖରେ ଟାଉନ ଥାନାରେ ନଂ. ୫୨୬/୨୨, ଦଫା ୪୧୯, ୪୨୦, ୪୬୮, ୪୭୧, ୧୨୦ (ବି) ଓ ୩୪ରେ ଏକ ମାମଲା ରୁଜୁ କରିଥିଲେ। ଟାଉନ ଥାନାଧିକାରୀ ରାଜେନ୍ଦ୍ର କୁମାର ମହାପାତ୍ରଙ୍କ ନେତୃତ୍ୱରେ ଏସ୍‌ଆଇ ଚନ୍ଦ୍ରକାନ୍ତ ସେଠୀ, ସୌଭାଗ୍ୟ ପାଣି, ଶାନ୍ତନୁ ପ୍ରଧାନ ପ୍ରମୁଖ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲେ।

### ଅଭିଯୁକ୍ତଙ୍କ ମଧ୍ୟରେ ଝାଡୁଦାର, ଗଣମାଧ୍ୟମ ପ୍ରତିନିଧି

ଢେଙ୍କାନାଳରେ ନକଲି କାଗଜପତ୍ର ମାଧ୍ୟମରେ ଜମି ବିକ୍ରି ଭଳି ବେଆଇନ କାରବାର ବଢ଼ିବାରେ ଲାଗିଛି। ଏଥିରେ ବିଧିବଦ୍ଧ ଭାବେ ଏକ ର‌୍ୟାକେଟ୍ କାମ କରୁଥିବା ଚର୍ଚ୍ଚା ଜୋର୍ ଧରିଛି। ପୋଲିସ ସୂଚନା ଅନୁଯାୟୀ ଗିରଫ ପ୍ରଦୀପ ରାଉତ ପୂର୍ବରୁ ଏକ ଓଡ଼ିଆ ୱେବ୍ ମିଡିଆରେ ଖବରଦାତା ଭାବେ କାର୍ଯ୍ୟ କରୁଥିଲେ। ସେହିପରି ଦେବାଶିଷ ପଟ୍ଟନାୟକଙ୍କ ନିଜସ୍ୱ ଏକ ୱେବ୍ ଚ୍ୟାନେଲ ରହିଛି। ଅଭିଯୁକ୍ତା ଟିକିନା ମଲ୍ଲିକ ଏକ ଘରୋଇ ବ୍ୟାଙ୍କରେ ଝାଡୁଦାର ଭାବେ କାର୍ଯ୍ୟ କରୁଥିବା ଜଣାପଡ଼ିଛି। ସଦ୍ୟତମ ଘଟଣାରେ ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ଝାଡୁଦାରଙ୍କଠାରୁ ଆରମ୍ଭ କରି ଗଣମାଧ୍ୟମ ପ୍ରତିନିଧିଙ୍କ ସମ୍ପୃକ୍ତି ରହିବା ସହରରେ ଆଲୋଡ଼ନ ସୃଷ୍ଟି କରିଛି।

### ସ୍କାନରରେ ଜେରକ୍ସ ଦୋକାନ

ନକଲି କାଗଜପତ୍ରରେ ଜମି ବିକ୍ରି ମାମଲାର ଲିଙ୍କ୍ ମିଳିଛି ଢେଙ୍କାନାଳ ସହର ଜବାହରଚୌକ ସ୍ଥିତ ଏକ ଜେରକ୍ସ ଦୋକାନରୁ। ସେଠାରେ ହିଁ ଅଭିଯୁକ୍ତମାନେ ପ୍ରସ୍ତୁତ କରିଥିଲେ ନକଲି କାଗଜପତ୍ର। ଉକ୍ତ ଦୋକାନରେ ପୌରସଂସ୍ଥାର ଜାଲ ସିଲ୍ ଏବଂ ନକଲି ଜନ୍ମପଞ୍ଜୀକରଣ ସାର୍ଟିଫିକେଟ ପ୍ରସ୍ତୁତ କରାଯାଉଥିବା ପୋଲିକୁ ସୁରାକ ମିଳିଛି। ଅଭିଯୁକ୍ତ ଜେରକ୍ସ ଦୋକାନୀ ଗିରଫ ହୋଇଥିବାବେଳେ ତାଙ୍କ ନାମରେ ଆଉ ଏକ ମାମଲା ରୁଜୁ କରାଯିବ ବୋଲି ପୋଲିସ କହିଛି। ଅନ୍ୟପଟେ ଏଭଳି ଠକେଇରେ ଜଣେ ଓକିଲଙ୍କ ସମ୍ପୃକ୍ତି ଥିବା ଏତଲାରେ ଦର୍ଶାଇଥିଲେ ମଧ୍ୟ ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ଜଣାପଡ଼ିଛି।


ଜବତ ନକଲି ସିଲ୍

## ସଂକ୍ଷେପରେ

### ବାଇକ୍ ଧକ୍କାରେ ଅଙ୍ଗନୱାଡି ସୁପରଭାଇଜର ଗୁରୁତର



**ଭୁବନ, ୨୬।୯(ଡି.ଏନ୍.ଏ.):** କାର୍ଯ୍ୟକ୍ଷେତ୍ରକୁ ଆସୁଥିବାବେଳେ ଏକ ବାଇକ୍ ଧକ୍କାରେ ଗୁରୁତର ହୋଇଛନ୍ତି ଭୁବନ ବ୍ଲକ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପର ଅଙ୍ଗନୱାଡି ସୁପରଭାଇଜର ନର୍ମଦା ସାହୁ। ସୁରପ୍ରତାପପୁର ଫାଣ୍ଡି ନିକଟରେ ସୋମବାର ସକାଳେ ଏହି ଦୁର୍ଘଟଣା ଘଟିଛି। ଏଥିରେ ତାଙ୍କ ଭାଇ ରତ୍ନାକର ସାହୁ ମଧ୍ୟ ଆହତ ହୋଇଛନ୍ତି। ଉଭୟଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ନର୍ମଦା ଜଣେ ପୋଲିଓ ଆକ୍ରାନ୍ତ ମହିଳା। ସୋମବାର ସକାଳେ ଭାଇ ରତ୍ନାକରଙ୍କ ସହ ଏକ ବାଇକ୍‌ରେ କଙ୍କଡ଼ାହାଡ଼ ବ୍ଲକ ଗୁରୁଜାଙ୍ଗ ଗ୍ରାମରୁ ଅଫିସକୁ ଆସୁଥିବାବେଳେ ସୁରପ୍ରତାପପୁର ଫାଣ୍ଡି ନିକଟ ୫୩ନଂ. ଜାତୀୟ ରାଜପଥରେ ଏକ ବାଇକ୍ ତାଙ୍କୁ ଧକ୍କା ଦେଇ ପଳାଇଥିଲା। ଉଭୟ ଗାଡ଼ିରୁ ଛିଟିକି ପଡ଼ିଥିଲେ। ଏଥିରେ ନର୍ମଦାଙ୍କ ଗୋଡ଼, ଛାତି, ଶରୀରର ବିଭିନ୍ନ ଅଙ୍ଗରେ ଗୁରୁତର କ୍ଷତ ସୃଷ୍ଟି ହୋଇଛି। ସ୍ଥାନୀୟ ହେଲେ ଉଭୟଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ ଭୁବନ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଦୁହିଁଙ୍କୁ ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ।

### ଶିକ୍ଷା ମାଧ୍ୟମରେ ସ୍ୱାବଲମ୍ବୀ ହୋଇପାରିବ

**ଭୁବନ, ୨୬।୯(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା ଭୁବନ ମହିଳା ଡିଗ୍ରୀ କଲେଜ ପରିସରରେ ଜାତୀୟ ସେବା ଯୋଜନା ଦିବସ ପାଳିତ ହୋଇଯାଇଛି। ଯୁକ୍ତ ୩ କଲେଜ ଅଧ୍ୟକ୍ଷ ଦିଲୀପ କୁମାର ଦାସ ଏଥିରେ ଅଧ୍ୟକ୍ଷତା କରି ଶିକ୍ଷା ଓ ସେବାକୁ ମାଧ୍ୟମ କରି ସ୍ୱାବଲମ୍ବୀ ହୋଇ ଅନ୍ୟକୁ ପ୍ରେରିତ କରିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟ ଅତିଥି ଅଧ୍ୟାପିକା ଡ. ମମତା ପାତ୍ର ସେବା ମାଧ୍ୟମରେ ଗୋଷ୍ଠୀଗତ ସମ୍ପର୍କ ସୁଦୃଢ଼ କରିବା ସହ ଏହାର ପ୍ରଚାରପ୍ରସାର କରିବାକୁ ନିବେଦନ କରିଥିଲେ। ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ତଥା ସଂସ୍କୃତ ବିଭାଗ ଅଧ୍ୟାପକ ନିରଞ୍ଜନ ନାୟକ, ଅଧ୍ୟାପକ ପ୍ରଶାନ୍ତ କୁମାର ରାଉତରାୟ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

### ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର

**ସାତମାଇଲ, ୨୬।୯(ଡି.ଏନ୍.ଏ.):** ହିନ୍ଦୋଳ ବ୍ଲକ ଚିଉଳପୁରସ୍ଥିତ ପ୍ରସିଦ୍ଧ ଶୈବପୀଠ ଉଗ୍ରେଶ୍ୱର ମନ୍ଦିର ପ୍ରାଙ୍ଗଣରେ ରବିବାର ବିକାଶ ଫାଉଣ୍ଡେଶନ ଟ୍ରଷ୍ଟ ଆନୁକୂଲ୍ୟରେ ଭ୍ରାମ୍ୟମାଣ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ବରିଷ୍ଠ ନାଗରିକ ବିଶ୍ୱନାଥ ପାଣିଗ୍ରାହୀ, ଧର୍ମାନନ୍ଦ ମହାପାତ୍ର, ପଞ୍ଚପଡ଼ା ଗ୍ରାମ ସଭାପତି ବିଦ୍ୟାଧର ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସଂଯୋଜକ ରଣଜିତ୍ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଶେଷଜ୍ଞ ଡାକ୍ତରଙ୍କ ଉପସ୍ଥିତିରେ ରୋଗୀଙ୍କ ସ୍ୱାସ୍ଥ୍ୟପରୀକ୍ଷା କରାଯାଇ ଔଷଧ ବଣ୍ଟନ କରାଯାଇଥିଲା। ପ୍ରଦ୍ୟୁତ୍ ବେହେରା, ବାନାମ୍ବର ପତି, ବିମଳ ମହାପାତ୍ର, ମନୋରଞ୍ଜନ ପାଳ, ରଘୁନାଥ ମହାପାତ୍ର, ଜିତେନ ପତି, ଦୀପକ ପଣ୍ଡା, ମୃତ୍ୟୁଞ୍ଜୟ ପାଳ, ଅଶୋକ ରାଉତ, ମନୋଜ ପଟ୍ଟନାୟକ, ଜୀବନ ମିଶ୍ର, ଆଲୋକ ଚିନ୍ତାରା, ଦୀପକ ପାଳ, ମନୋରଞ୍ଜନ ନାଥ, ଶ୍ରୀକାନ୍ତ ପାଳ, ପ୍ରଦୀପ ମହାପାତ୍ର, ଶରତ ମହାପାତ୍ର, ଶଙ୍କର୍ଷଣ ପାଳ, ମାନସ ପାଳ ପରିଚାଳନାରେ ସହଯୋଗ କରିଥିଲେ।

### ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଠାବ

**ଢେଙ୍କାନାଳ ଅଫିସ, ୨୬।୯:** ଢେଙ୍କାନାଳ ଜିଲା ଗଁଦିଆ ଥାନା ସଦ୍ଗୁପୁର ଗ୍ରାମର ନିର୍ମଳ ସାହୁ (୫୭)ଙ୍କ ମୃତଦେହ ସୋମବାର ଜବତ କରାଯାଇଛି। ସେ ଗ୍ରାମ ନିକଟ ନାଳକୁ ଗାଧୋଇବାକୁ ଯାଇ ଦୁଇଦିନ ତଳେ ନିଖୋଜ ହୋଇଯାଇଥିଲେ। ବହୁ ଖୋଜାଖୋଜି କରିବା ସତ୍ତ୍ୱେ ତାଙ୍କର କୌଣସି ସନ୍ଧାନ ମିଳି ନ ଥିଲା। ଅଗ୍ନିଶମ ବାହିନୀ, ଓଡ୍ରାଫ୍ ଟିମ୍ ଖୋଜାଖୋଜି କରି ତାଙ୍କ ମୃତଦେହକୁ ଠାବ କରିଥିଲେ। ଏ ନେଇ ନଂ. ୨୨/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଏହି ଘଟଣା ଅଞ୍ଚଳରେ ଶୋକର ଛାୟା ଖେଳାଇଦେଇଛି।

## ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ, ଶିଳାନ୍ୟାସ

**ଭୁବନ, ୨୬।୯(ଡି.ଏନ୍.ଏ.)**


ଭୁବନ ମହିଳା କଲେଜ ପାଠାଗାରକୁ ମନ୍ତ୍ରୀ ଲୋକାର୍ପଣ କରୁଛନ୍ତି।

ଢେଙ୍କାନାଳ ଜିଲା ଭୁବନ ଏନ୍‌ଏସିରେ ସୋମବାର ୧୦ ପ୍ରକଳ୍ପର ଲୋକାର୍ପଣ ହୋଇଥିବାବେଳେ ୬ ନୂତନ ପ୍ରକଳ୍ପର ଶିଳାନ୍ୟାସ କାର୍ଯ୍ୟ ସମ୍ପନ୍ନ ହୋଇଛି। ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ଅନ୍ୟତମ ଅତିଥି ଭାବେ ଏମ୍‌ପି ମହେଶ ସାହୁ ଯୋଗଦେଇ ପ୍ରକଳ୍ପଗୁଡ଼ିକର ଲୋକାର୍ପଣ ଏବଂ ଭୂମିପୂଜନ କରିଥିଲେ।

ପ୍ରାରମ୍ଭରେ ଏନ୍‌ଏସି କାର୍ଯ୍ୟାଳୟ ସଭାଗୃହରେ ଜାତୀୟ ପରିବାର ନିରାପତ୍ତା ଯୋଜନାରେ ୧୭ଜଣ ବିଧବାଙ୍କୁ ୨୦ ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଏନ୍‌ଏସି ଅଧ୍ୟକ୍ଷ ଶୁଭେନ୍ଦୁ ସାହୁ, ଉପାଧ୍ୟକ୍ଷା ମାନିନି ସାହୁ, ଉପଜିଲାପାଳ ଜ୍ୟୋତିଶଙ୍କର ସାହୁ, ନିର୍ବାହୀ ଅଧିକାରୀ ଶ୍ୟାମସୁନ୍ଦର ସାହୁ, କନିଷ୍ଠ ଯନ୍ତ୍ରୀ ରଶ୍ମିତା ମିଶ୍ର, ସୁରେନ୍ଦ୍ର ସାହୁଙ୍କ ସମେତ ସମସ୍ତ କାଉନ୍‌ସିଲର ଉପସ୍ଥିତ ଥିଲେ।

ଏହାପରେ ୧ କୋଟି ୩୨ ଲକ୍ଷ ଟଙ୍କାରେ ନିର୍ମାଣ ହେବାକୁ ଥିବା ୬ ଜନହିତକର ପ୍ରକଳ୍ପର ଭୂମିପୂଜନ କରାଯାଇଥିଲା। ତନ୍ମଧ୍ୟରେ ଅତ୍ୟାଧୁନିକ ଇଲେକ୍ଟ୍ରିକ ଶବଦାହ ବ୍ୟବସ୍ଥା, ଆହାରକେନ୍ଦ୍ରର ରୋଷେଇ ଶାଳା, ୨ କୋଠଘର, ମିନିପାର୍କ ଏବଂ ପ୍ରଜାପିତା ବ୍ରହ୍ମାକୁମାରୀ ଆଶ୍ରମ ରାସ୍ତା ରହିଛି। ସେହିପରି ୧ କୋଟି ୫୨ ଲକ୍ଷ ଟଙ୍କାରେ ନିର୍ମିତ ୧୦ ପ୍ରକଳ୍ପର ଲୋକାର୍ପଣ କରାଯାଇଛି। ସେଗୁଡ଼ିକ ହେଲା ମହିଳା କଲେଜ ପାଠାଗାର, ଶ୍ରୀରାମ ମନ୍ଦିର ରାସ୍ତା, ସରସ୍ୱତୀ ଶିଶୁ ମନ୍ଦିର ଶ୍ରେଣୀଗୃହ, ମା' ହିଙ୍ଗୁଳାଙ୍କ ପୀଠରୁ ବୁଦ୍ଧେଶ୍ୱର ପୀଠକୁ ସଂଯୋଗ କରୁଥିବା ରାସ୍ତା, ରାମ ମନ୍ଦିର ଏବଂ ହିଙ୍ଗୁଳା ମନ୍ଦିର ପରିସରରେ ପାଦଚଲା ରାସ୍ତା, ଯାତ୍ରା ପଡ଼ିଆ, ଚଣ୍ଡୀ ମନ୍ଦିର ଏବଂ ଆହାର କେନ୍ଦ୍ର ନିକଟରେ ୩ଟି କମ୍ୟୁନିଟି ପାଇଖାନା। ଏହି କାର୍ଯ୍ୟକ୍ରମରେ ବହୁ ବିଜେଡି କର୍ମୀ, ବୁଦ୍ଧିଜୀବୀ, ଜନସାଧାରଣ ସାମିଲ ହୋଇଥିଲେ।

## ଭୁବନ ଯୁବ ଯାଦବ ସମାଜ ଗଠିତ

**ସମର ସେନ ସଭାପତି, ବିଳାସ ସମ୍ପାଦକ**

**ଭୁବନ, ୨୬।୯(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ଭୁବନରେ ଯୁବ ଯାଦବ ସମାଜ ଗଠିତ ହୋଇଛି। ଏ ନେଇ ରବିବାର ଏକ ବୈଠକ ସ୍ଥାନୀୟ ମହିଳା କଲେଜ ନିକଟରେ ଅନୁଷ୍ଠିତ ହୋଇଥିଲା। ମିଳିମିଶି ଯାଦବ ସମାଜର ସମସ୍ୟା ସମାଧାନ କରିବା, ଯୁବପିଢ଼ିଙ୍କ ମାର୍ଗଦର୍ଶନ କରିବା, ସ୍ଥାନୀୟ ଅଞ୍ଚଳର ବିକାଶରେ ସାମିଲ ହେବା ଆଦି ବିଷୟରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସର୍ବସମ୍ମତିକ୍ରମେ ସଭାପତି ଭାବେ ସମରସେନ ନାୟକ, ସମ୍ପାଦକ ବିଳାସ ସାମଲ, ଉପସଭାପତି ସନାତନ ଦାସ, କୋଷାଧ୍ୟକ୍ଷ ପ୍ରଶାନ୍ତ ବେହେରାଙ୍କୁ ଚୟନ କରାଯାଇଛି। ଉପଦେଷ୍ଟା ମଣ୍ଡଳୀରେ ବସନ୍ତ ଦାସ, ଯୁଧିଷ୍ଠିର ପୃଷ୍ଟି, ରବୀନ୍ଦ୍ର ପୃଷ୍ଟି, ପ୍ରକାଶ ଦାସ, ବଟକୃଷ୍ଣ ପୃଷ୍ଟିଙ୍କୁ ସ୍ଥାନ ଦିଆଯାଇଛି। ଯାଦବ ସମାଜର ଶତାଧିକ ଯୁବକ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

## ବସ୍-ଟିପ୍ପର ମୁହାଁମୁହିଁ: ୬ ଆହତ

**ସାତମାଇଲ, ୨୬।୯(ଡି.ଏନ୍.ଏ.)**


ଦୁର୍ଘଟଣାରେ ବସ୍ ଚୂର୍‌ମାର

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ସାତମାଇଲ ଦେଇ ଯାଇଥିବା ପୁରୁଣା କଟକ-ସମ୍ବଲପୁର ରାସ୍ତାର ଦୁଦୁରୁକୋଟ ଛକ ନିକଟରେ ସୋମବାର ସକାଳେ ଘରୋଇ ଯାତ୍ରୀବାହୀ ବସ୍ 'କଳାଠାକୁର' (ନଂ. ଓଡି ୦୫ ଏ ୮୭୫୭) ଏବଂ ଏକ କୋଇଲା ପାଉଁଶ ବୋଝେଇ ଟିପ୍ପର (ନଂ. ଓଆର୍ ୦୯ ଜେ ୦୧୧୩) ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଉଭୟ ଗାଡ଼ିର ଡ୍ରାଇଭରଙ୍କ ସମେତ ମୋଟ ୬ଜଣ ଆହତ ହୋଇଛନ୍ତି। ନିଶାସକ୍ତ ଟିପ୍ପର ଚାଳକଙ୍କ ବେପରୁଆ ଗାଡ଼ିଚାଳନା ଯୋଗୁ ଏହି ଦୁର୍ଘଟଣା ଘଟିଥିବା ଚର୍ଚ୍ଚା ହେଉଛି।

ପ୍ରତ୍ୟକ୍ଷଦର୍ଶୀଙ୍କ କହିବା କଥା, ସକାଳ ପ୍ରାୟ ୭ଟାରେ ଯାତ୍ରୀବାହୀ ବସ୍‌ଟି କଟକ ଯାଉଥିବାବେଳେ ସାତମାଇଲ ଛକ ଦେଇ ଅନୁଗୋଳ ଜିଲା ମହୀଧରପୁର ଅଭିମୁଖେ ଯାଉଥିବା ଉକ୍ତ ଟିପ୍ପର ସମ୍ମୁଖ ପଟୁ ଧକ୍କା ଦେଇଥିଲା। ଦୁର୍ଘଟଣା ଏତେ ତୀବ୍ର ଥିଲା ଯେ, ବସ୍‌ର ସମ୍ମୁଖ ଭାଗ ଚୂରମାର ହୋଇଯାଇଥିବାବେଳେ ଏହା ବିପରୀତ ଦିଗକୁ ବୁଲିପଡ଼ିଥିଲା। ଦୁର୍ଘଟଣା ପରେ ଟିପ୍ପରଟି ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିବା ବେଳେ ସମ୍ପୂର୍ଣ୍ଣ ଚୂରମାର୍ ହୋଇଯାଇଛି। ସୂଚନା ପାଇ ଖଜୁରିଆକଟା ଅଗ୍ନିଶମ ବାହିନୀ ପହଞ୍ଚି ଗୁରୁତରଙ୍କୁ ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ବାଲିମୀ ପୋଲିସ ପହଞ୍ଚି ଉଭୟ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଜବତ କରି ଘଟଣାର ତଦନ୍ତ କରୁଛି।

## ବସ୍ତି ନାମ ସଂଶୋଧନ ଦାବି

**ଢେଙ୍କାନାଳ ଅଫିସ, ୨୬।୯**

ଢେଙ୍କାନାଳ ପୌରାଞ୍ଚଳ ୬ନଂ. ୱାର୍ଡ ଦେଉଳସାହି ବଳରାମ ମନ୍ଦିର ଆଖପାଖ ଅଞ୍ଚଳରେ ଦୀର୍ଘବର୍ଷ ଧରି ବସବାସ କରୁଥିବା ଲୋକେ ସେମାନଙ୍କ ବସ୍ତିର ନାମ ସଂଶୋଧନ ପାଇଁ ଦାବି କରିଛନ୍ତି। ଏ ନେଇ ସେମାନେ ସୋମବାର ପୌରାଧ୍ୟକ୍ଷା, ଉପାଧ୍ୟକ୍ଷ ଓ ନିର୍ବାହୀ ଅଧିକାରୀଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି।

ଅଭିଯୋଗ ଅନୁଯାୟୀ, ସମ୍ପୃକ୍ତ ଅଞ୍ଚଳବାସୀ 'ଜାଗା ମିଶନ' ଯୋଜନାରେ ଅନ୍ତର୍ଭୁକ୍ତ ହୋଇଛନ୍ତି। ବସ୍ତିର ଉନ୍ନତି ପାଇଁ ଏକ ବସ୍ତି ଉନ୍ନୟନ କମିଟି ଗଠନ କରାଯାଇଛି। ଅଞ୍ଚଳର ପୋଷ୍ଟାଲ୍, ଆଧାରକାର୍ଡ ତହସିଲ ରେକର୍ଡରେ ଠିକଣା ଦେଉଳସାହି ଥିବାବେଳେ ପୌର ପରିଷଦ ରେକର୍ଡରେ ବସ୍ତିର ନାମ ମାଳିସାହି ବୋଲି ଦର୍ଶାଯାଇଛି। ଏହାକୁ ସଂଶୋଧନ କରିବା ପାଇଁ ସ୍ଥାନୀୟ କାଉନ୍‌ସିଲର ସନ୍ଦୀପ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ବସ୍ତି ବାସିନ୍ଦା ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର କୁଅଁର, ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଶୀଘ୍ର ପଦକ୍ଷେପ ଗ୍ରହଣ କରା ନ ଗଲେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ବେଦାଧ୍ୟୟନ ପଣ୍ଡା, ସୁରେନ୍ଦ୍ର ବେହେରା, କୃଷ୍ଣଚନ୍ଦ୍ର ନାୟକ, ଗଣେଶ୍ୱର ମହାପାତ୍ର, ସନ୍ତୋଷ ବେହେରା, ପ୍ରୀତମ ମହାନ୍ତି, ଶୁଭମ ଗୁରୁଙ୍ଗ୍, ଜ୍ୟୋତିପ୍ରକାଶ ବେହେରା, ସୂର୍ଯ୍ୟକାନ୍ତ ବେହେରା, କାହ୍ନା ବେହେରା ପ୍ରମୁଖ ଚେତାବନୀ ଦେଇଛନ୍ତି।


ବସ୍ତିବାସୀ ପୌର ଉପାଧ୍ୟକ୍ଷାଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

## ଶିଳ୍ପାନୁଷ୍ଠାନରେ ପ୍ରଦୂଷଣ ଯାଞ୍ଚ


ଟାଟାଷ୍ଟିଲ କମ୍ପାନୀ ପରିସରରେ ବିଧାନସଭା ପ୍ରଦୂଷଣ ନିୟନ୍ତ୍ରଣ ସବ୍‌କମିଟି ସଦସ୍ୟମାନେ।

**ଢେଙ୍କାନାଳ ଅଫିସ, ୨୬।୯**

**ସମୀକ୍ଷା କଲା ବିଧାନସଭା ସବ୍‌କମିଟି**

ଓଡ଼ିଶା ବିଧାନସଭା ପ୍ରଦୂଷଣ ନିୟନ୍ତ୍ରଣ ସବ୍‌କମିଟି ସଦସ୍ୟ ସୋମବାର ଢେଙ୍କାନାଳ ଜିଲାର ବିଭିନ୍ନ ଶିଳ୍ପାନୁଷ୍ଠାନ ପରିଦର୍ଶନ କରି ପ୍ରଦୂଷଣ ସ୍ଥିତି ଯାଞ୍ଚ କରିଛନ୍ତି। କମିଟି ଅଧ୍ୟକ୍ଷ ବିଧାୟକ ବଦ୍ରିନାରାୟଣ ପାତ୍ରଙ୍କ ନେତୃତ୍ୱରେ ବିଧାୟକ ସାରଦା ପ୍ରସାଦ ନାୟକ, ବିଧାୟିକା ମିନାକ୍ଷୀ ମହାନ୍ତ, ବିଧାୟକ ମନୋହର ରନ୍ଧାରୀ ପ୍ରମୁଖ ଉକ୍ତ ଟିମ୍‌ରେ ଆସିଥିଲେ। ପ୍ରଦୂଷଣକୁ ଯଥାସାଧ୍ୟ ନିୟନ୍ତ୍ରଣରେ ରଖିବା ଲାଗି ବ୍ୟବସ୍ଥା କରିବାକୁ କମିଟି ସଦସ୍ୟ ଶିଳ୍ପାନୁଷ୍ଠାନ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଛନ୍ତି। ଶିଳ୍ପାନୁଷ୍ଠାନର ପାଉଁଶ ପରିବହନ ଯୋଗୁ ୫୫ନଂ. ଜାତୀୟ ରାଜପଥରେ ଧୂଳି ଜମୁଥିବାରୁ ଏହାକୁ ନେଇ କମିଟି ସଦସ୍ୟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଶିଳ୍ପାନୁଷ୍ଠାନ ନିକଟ ଜାତୀୟ ରାଜପଥରେ ପାଣି ସିଞ୍ଚନ, ପରିବେଶ ସୁରକ୍ଷା ପାଇଁ ଅଧିକ ବନୀକରଣ, ଇ-ଯାନ ବ୍ୟବହାରକୁ ଗୁରୁତ୍ୱ ଦେବାକୁ ସେମାନେ କହିଛନ୍ତି।

ଜିଲାପାଳ ସରୋଜ କୁମାର ସେଠୀ, ଡିଏଫ୍‌ଓ ଡା. ପ୍ରକାଶଚାନ୍ଦ ଗୋଗିନେନି, ଅନୁଗୋଳ ଅତିରିକ୍ତ ଜିଲାପାଳ ରଜନୀକାନ୍ତ ସ୍ୱାଇଁ, ଢେଙ୍କାନାଳ ଅତିରିକ୍ତ ଜିଲାପାଳ ଉଦୟ ମହାପାତ୍ର, ଅନୁଗୋଳସ୍ଥିତ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ କାର୍ଯ୍ୟାଳୟ ଅଧିକାରୀ ଡ. ଏ.କେ. ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ବିଧାନସଭା ପ୍ରଦୂଷଣ ନିୟନ୍ତ୍ରଣ ସବ୍‌କମିଟି ସଦସ୍ୟ ପର୍ଯ୍ୟାୟକ୍ରମେ ନର୍ଭେରାମ କମ୍ପାନୀ, ଏମ୍‌ଜିଏମ୍ ଏବଂ ନରେନ୍ଦ୍ରପୁରସ୍ଥିତ ଟାଟାଷ୍ଟିଲ ମେରାମଣ୍ଡଳୀ କମ୍ପାନୀ ପରିଦର୍ଶନ କରିଥିଲେ। ଟାଟାଷ୍ଟିଲ ପକ୍ଷରୁ ପ୍ରଦୂଷଣ ରୋକିବା, ପାରିପାର୍ଶ୍ୱିକ ଉନ୍ନୟନ କାର୍ଯ୍ୟ, କ୍ରୀଡ଼ାର ବିକାଶ ପାଇଁ ନିଆଯାଇଥିବା ବହୁବିଧ କାର୍ଯ୍ୟକ୍ରମର ଅନୁଧ୍ୟାନ କରିଥିଲେ। ନିର୍ମାଣାଧୀନ ୫୫ନଂ. ଜାତୀୟ ରାଜପଥଠାରୁ ଦୂରରେ ବନୀକରଣ ପାଇଁ ଶିଳ୍ପାନୁଷ୍ଠାନ ଅଧିକାରୀମାନଙ୍କୁ କମିଟି ପକ୍ଷରୁ ପରାମର୍ଶ ଦିଆଯାଇଛି।

## ଚୋରି ଅଭିଯୁକ୍ତ ଗିରଫ

**ଅନୁଗୋଳ ଅଫିସ, ୨୬।୯**

ଅନୁଗୋଳ ଥାନା ଶିକ୍ଷକପଡ଼ା ଅଞ୍ଚଳରୁ ଛେଳି ଚୋରି ବେଳେ ଜଣେ ଅଭିଯୁକ୍ତଙ୍କୁ ଧରି ପୋଲିସ ଜିମା ଦିଆଯାଇଛି। ପୋଲିସ ନଂ. ୫୧୩/୨୨ରେ ମାମଲା ରୁଜୁ କରି ଅଭିଯୁକ୍ତ ରାଜକିଶୋରପଡ଼ାର ମୀହିର ଅସିମ୍‌ଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ପ୍ରଭାତ ତ୍ରିପାଠୀ ସୂଚନା ଦେଇଛନ୍ତି। ପୋଲିସ ସୂତ୍ରରୁ ପ୍ରକାଶ, ରବିବାର ବିଳମ୍ବିତ ରାତିରେ ଅଭିଯୁକ୍ତ ଅସୀମ ଶିକ୍ଷକପଡ଼ାର ବିକାଶ ନାୟକଙ୍କ ଗୁହାଳରେ ପଶି ଛେଳି ଚୋରି କରୁଥିଲେ। ଛେଳିପଲ ରଡ଼ି ଶୁଣି ଘର ଲୋକେ ଉଠିପଡ଼ିବାରୁ ଅଭିଯୁକ୍ତ ଦୌଡ଼ି ପଳାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ତାଙ୍କୁ କାବୁ କରାଯାଇ ପୋଲିସକୁ ହସ୍ତାନ୍ତର କରାଯାଇଥିଲା। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ତାଙ୍କ ମୋଟର ସାଇକେଲ (ନଂ. ଓଡି ୧୯ଜେ-୯୦୭୯) ଜବତ କରିଛି। ସହରରେ ଏଭଳି ଛେଳି ଚୋରି ବେଳେ ଅଭିଯୁକ୍ତ ଧରାପଡ଼ିବା ଆଲୋଚନାର ବିଷୟ ପାଲଟିଛି।

